## ୪୫ ହଜାର ଜରିମାନା ଆଦାୟ

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ମହୁଲପାଳ ନିକଟରେ ସୋମବାର ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଟିପ୍ପର ଜବତ କରାଯାଇଛି। ଏଥିସହ ଜବତ ଗାଡ଼ିରୁ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅତିରିକ୍ତ ତହସିଲଦାର ଝସକେତନ ନାୟକ ଚଢାଉ କରିଥିଲେ।

## ତହସିଲ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ

ଢେଙ୍କାନାଳ ଅଫିସ,୨୮।୮(ରତନ ନାୟାର)

ଢେଙ୍କାନାଳ ତହସିଲ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇଥିବା ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡନାୟକ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସୋମବାର ସେ ଓଡ଼ିଶା ଲୋକାୟୁକ୍ତ ଭୁବନେଶ୍ୱରଙ୍କ ଠାରେ ଲିଖିତ ଭାବରେ ଦାବି କରିଛନ୍ତି। ଅଭିଯୋଗରୁ ଜଣାପଡିଛି, ଢେଙ୍କାନାଳ ତହସିଲ ବଡ଼ ଷାଠିଏବାଟିଆ ଖାତା ନଂ-୫୧୩, ପ୍ଲଟ ନଂ-୫୦୭, ୫୦୮, ୫୦୮/୯୨୮୭, ୫୦୮/୯୨୮୮ରେ ଥିବା ଜମିକୁ କେତେଜଣ ଜମି ବ୍ୟବସାୟୀଙ୍କ ସହ ତହସିଲର ଜଣେ ଅଧିକାରୀ, କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକ ଏକ ନାଳ ଉପରେ ରାସ୍ତା ଦର୍ଶାଇ ଜମିଗୁଡିକୁ ଘରବାରୀ କିସମ କରିଛନ୍ତି। ଏହି ଜମିଗୁଡିକ ଚଙ୍କକଟା କରି ଘରବାଡି କରିବାରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ସତ୍ୟ ପଦାକୁ ଆଣିବା ସହ ଦୋଷୀମାନଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ପ୍ରିୟବ୍ରତ ଲୋକାୟୁକ୍ତଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

# ୩୪ ଆଦିବାସୀଙ୍କୁ ମିଳିଲା ଜଙ୍ଗଲ ଜମି ପଟ୍ଟା

- ଦେଶରେ ଢେଙ୍କାନାଳ ପ୍ରଥମ
- ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ କଲେ ସମ୍ବର୍ଦ୍ଧିତ

ଢେଙ୍କାନାଳ,୨୮।୮(ରତନ ନାୟାର)

ସହରାଞ୍ଚଳରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ୩୪ ଜଣଙ୍କୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଫଳରେ ଏହି ଆଦିବାସୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି। ସହରାଞ୍ଚଳ ଆଦିବାସୀଙ୍କୁ ଜମିପଟ୍ଟା ଯୋଗାଣରେ ଢେଙ୍କାନାଳ ଜିଲା ପ୍ରଶାସନର ପଦକ୍ଷେପ ସମଗ୍ର ଦେଶ ଓ ରାଜ୍ୟରେ ପ୍ରଥମ ହୋଇଥିବାରୁ ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନକୁ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ପୂର୍ବାହ୍ନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଜିଲା ପ୍ରଶାସନକୁ



ଢେଙ୍କାନାଳ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ସମ୍ବର୍ଦ୍ଧିତ କରିଥିଲେ। ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ କୁମାର ବେହେରା, ଢେଙ୍କାନାଳ ପୌର ପରିଷଦ ଅଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷ ପ୍ରକାଶଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲା ମଙ୍ଗଳ ଅଧିକାରୀ ଦେବୀ ପ୍ରସାଦ ପରିଜା, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଏବଂ କାଉନସିଲରମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲା ପ୍ରଶାସନର ଏହି ପଦକ୍ଷେପ ଯେଉଁ ଉଦାହରଣ ସୃଷ୍ଟି କରିଛି, ତାହା ଅନ୍ୟ ଜିଲା ତଥା ରାଜ୍ୟ ପାଇଁ ପ୍ରେରଣାଦାୟୀ ବୋଲି କୁହାଯାଉଛି। ଏଥିସହିତ ଆଦିବାସୀମାନଙ୍କୁ ଜୀବିକା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୋଜନା କରାଯାଉଛି। ଏହାଦ୍ୱାରା ସମ୍ପୃକ୍ତ ଆଦିବାସୀ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବେ।

## ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

କାମାକ୍ଷାନଗର,୨୮।୮(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ପକ୍ଷରୁ ସୋମବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନିର୍ମଳା ଗୋଛାୟତ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ଏମ୍‌ଭିଆଇ ଶୁଭାଶିଷ ସାହୁ ଯୋଗ ଦେଇଥିଲେ। କଙ୍କଡ଼ାହାଡ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ। ପରେ ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଡ଼କ ସୁରକ୍ଷା ଓ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର କର୍ମଚାରୀ ଓ କଙ୍କଡ଼ାହାଡ ଥାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ରାପ୍ୟରୁ ବଞ୍ଚିତ ଅଭିଯୋଗ

ଢେଙ୍କାନାଳ,୨୮।୮(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ନାଗିଆପଶି ଗ୍ରାମର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନେ କାମକରି ମଧ୍ୟ ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ଥିବା ସୋମବାର ଢେଙ୍କାନାଳ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ଦର୍ଶାଇଛନ୍ତି, ନାଗିଆପଶି ଗ୍ରାମର ଚେଣ୍ଟେଇ ଟାଙ୍ଗରଠାରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ହୋଇଥିବା କାଜୁ ପ୍ଲାଣ୍ଟେଶନ ୱାର୍କ କୋଡ୍-୨୪୦୭୦୦୩/ଡିପି-୧୦୬୦୬୪୮୫୩ ହେକ୍ଟର ଦୋବୋଉର ଜମିରେ ପ୍ରଶାସନର ଅନୁମତି ଓ ଜାଣତରେ ନାଗିଆପଶି ଗ୍ରାମର ଚିନ୍ମୟ ସେଠୀ, କବି ଦାସ, ପବିତ୍ର ଦାସ, ପ୍ରମିଶ ମହାନ୍ତି, କାଳନ୍ଦୀ ପ୍ରଧାନ, ଗଣେଶ୍ୱର ସାମଲ, ବିନୋଦ ସେଠୀ ପ୍ରମୁଖ କାମ କରିଥିଲେ। କିନ୍ତୁ ୨ବର୍ଷ ପରେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ମିଳିନାହିଁ। କିନ୍ତୁ ଏହି କାମର ବିଲ୍ ଉଠାଇ ନିଆଯାଇଥିବା ଶୁଣାଯାଉଛି, ଯାହାକି ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ତୁରନ୍ତ ତଦନ୍ତ ସହ ପ୍ରାପ୍ୟ ପ୍ରଦାନ ନିମନ୍ତେ ଜିଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି।



ପ୍ରାପ୍ୟରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନେ।

# ବୈଜ୍ଞାନିକ ରଶ୍ମିଙ୍କୁ ଶୁଭେଚ୍ଛା

ଢେଙ୍କାନାଳ,୨୮।୮(ରତନ ନାୟାର)

ଚନ୍ଦ୍ରୟାନ-୩ ସଫଳତାରେ ବରିଷ୍ଠ ବୈଜ୍ଞାନିକ ଢେଙ୍କାନାଳର ଝିଅ ରଶ୍ମୀ ବେହେରାଙ୍କ ଅତୁଳନୀୟ ଅବଦାନ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ସୋମବାର ଶୁଭେଚ୍ଛା ଜଣାଯାଇଛି। ଏଏପି ଢେଙ୍କାନାଳ ଶାଖା ପକ୍ଷରୁ ସହରସ୍ଥିତ ରାମେଶ୍ୱରପୁରଠାରେ ରଶ୍ମୀଙ୍କ ଘରେ ଦଳୀୟ ନେତୃବୃନ୍ଦ ତାଙ୍କର ପିତା ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ବେହେରା ଓ ମାତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ରଶ୍ମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦଳର ସଦସ୍ୟା ରଚିତା ନାୟକ, ଯଶ୍ମୀନ ନାୟକ, କେଶବଚନ୍ଦ୍ର ତ୍ରିପାଠୀ, ପୀତାମ୍ବର ସାମନ୍ତରାୟ, ଜନାର୍ଦ୍ଦନ ନନ୍ଦି, ପ୍ରଶାନ୍ତ ଜେନା, କୁଞ୍ଜ ବିହାରୀ ଲେଙ୍କା ଓ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।



ଆପ୍ ପକ୍ଷରୁ ବୈଜ୍ଞାନିକ ରଶ୍ମିଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ : ଶୁଭ୍ରକେତନ ଚାମ୍ପିୟନ

ଢେଙ୍କାନାଳ,୨୮।୮(ରତନ ନାୟାର)

ଢେଙ୍କାନାଳ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ନୂଆପୋଖରୀ ନିକଟସ୍ଥ ନୂତନ ଇନ୍‌ଡୋର ହଲରେ ଚାଲିଥିବା ଜିଲା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ବାଳକ ବିଭାଗରେ ଶୁଭ୍ରକେତନ ମଲ୍ଲିକ ଚାମ୍ପିୟନ ହୋଇଥିବାବେଳେ ତାରେଣୀ ପ୍ରସାଦ ରନର୍ସଅପ୍ ହୋଇଥିଲେ। ବରିଷ୍ଠ ବାଳକ ଡବଲ୍ସରେ ତାରେଣୀ ପ୍ରସାଦ ଓ ବ୍ରିଜେଶ ମିଶ୍ର ଯୋଡି ଚାମ୍ପିୟନ ହୋଇଥିବାବେଳେ ଅମିତ ଛୋଟରାୟ ଓ ସତ୍ୟବ୍ରତ ଯୋଡି ରନର୍ସଅପ୍ ହୋଇଥିଲେ। ମିକ୍ସ ଡବଲ୍ସରେ ପ୍ରମୋଦ ସିଂ ଓ ସ୍ନେହାଶ୍ରୀ ଦାସ ଚାମ୍ପିୟନ ହୋଇଥିବାବେଳେ ସାହିର ସାମଲ ଓ ମଧୁସ୍ମିତା ଦାସ ରନର୍ସଅପ୍ ହୋଇଥିଲେ। ୩୫ବର୍ଷରୁ ଉର୍ଦ୍ଧ୍ୱ ମାଷ୍ଟର୍ସ ସିଙ୍ଗିଲ୍ସରେ ପ୍ରମୋଦ ସିଂ, ୩୫ବର୍ଷରୁ ଉର୍ଦ୍ଧ୍ୱ ଡବଲ୍ସରେ କରୁଣାକର ବେହେରା ଓ ପ୍ରମୋଦ ସିଂ ଓ ୪୦ବର୍ଷରୁ ଉର୍ଦ୍ଧ୍ୱ ମାଷ୍ଟର ଡବଲ୍ସରେ ଅମିତ



ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଶତପଥୀ ଓ ଶୁଭ୍ରାଂଶୁ ପଲେଇ ଚାମ୍ପିୟନ ହୋଇଥିଲେ। ୧୧ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଆରଏନ୍ ପୃଷ୍ଟି, ୧୩ବର୍ଷ କମ୍ ବାଳକ ସିଙ୍ଗଲ୍ସରେ ଆରୟାନ୍ ଅନୁରାଗ, ୧୩ବର୍ଷ ବାଳକ ଡବଲ୍ସରେ ଆରଏନ୍ ପୃଷ୍ଟି ଓ ପ୍ରତ୍ୟୁଷ ମହାନ୍ତି ଚାମ୍ପିୟନ ହୋଇଥିଲେ। ୧୫ ବର୍ଷରୁ କମ ସିଙ୍ଗଲ୍ସ ବାଳକ ବିଭାଗରେ ବିଭୁଦତ୍ତ ବିଶ୍ୱାଳ, ଡବଲ୍ସରେ ମୟଙ୍କ ପଟ୍ଟନାୟକ ଓ ବିଭୁଦତ ବିଶ୍ୱାଳ ଚାମ୍ପିୟନ ହୋଇଥିଲେ। ୧୫ବର୍ଷ ବାଳିକା ସିଙ୍ଗଲ୍ସରେ ସ୍ନେହାଶ୍ରୀ ଦାସ, ୧୭ବର୍ଷରୁ କମ ବାଳକ ସିଙ୍ଗଲ୍ସରେ ଶୁଭ୍ରକେତନ ମଲ୍ଲିକ, ଡବଲ୍ସରେ ଶୁଭ୍ରକେତନ ମଲ୍ଲିକ ଓ ମୟଙ୍କ ପଟ୍ଟନାୟକ ମନୋନୀତ ହୋଇଥିଲେ। ୧୯ବର୍ଷରୁ କମ୍ ସିଙ୍ଗଲ୍ସ ବାଳକରେ ମୟଙ୍କ ପଟ୍ଟନାୟକ ଓ ଡବଲ୍ସରେ କୁମାର ଆଦିତ୍ୟ ଓ ଦିବ୍ୟାଂଶୁ ଶତପଥୀ ଚାମ୍ପିୟନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ମଳୟ ପଟ୍ଟନାୟକ, ସମ୍ପାଦକ ଟଙ୍କଧର ବେହେରା ଉପସ୍ଥିତ ଥିଲେ।

# ଘରଡ଼ିହ ପଟ୍ଟା ପ୍ରମାଣପତ୍ର ଯୋଗାଇ ଦିଅ

ଢେଙ୍କାନାଳ,୨୮।୮(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ନୂଆଗାଁରେ ବସବାସ କରୁଥିବା ୩୬ଜଣ ଡୋକ୍ରା ହସ୍ତଶିଳ୍ପ କାରିଗରଙ୍କୁ ଘରଡିହ ପଟ୍ଟା ପ୍ରମାଣପତ୍ର ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ ଡୋକ୍ରା ହସ୍ତଶିଳ୍ପ କାରିଗରମାନେ ସୋମବାର ଢେଙ୍କାନାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ୩୬ଜଣ ଡୋକ୍ରା ହସ୍ତଶିଳ୍ପ କାରିଗର ଦୀର୍ଘଦିନ ହେବ ଭୂମିହୀନ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ଘରଡିହ ପ୍ରମାଣପତ୍ର ମିଳୁ ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଘରଡିହ ପଟ୍ଟା ପ୍ରମାଣପତ୍ର ପ୍ରଦାନ କରିବା ପାଇଁ କାରିଗର ଛବି ଦେହୁରୀ, ଗୀତୁ ପଧାନ, ପବିତ୍ର ଦେହୁରୀ, ଚତୁର୍ଭୁଜ ପଧାନ ପ୍ରମୁଖ ଦାବି କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଡୋକ୍ରା କାରିଗରମାନେ।

# 'ବିଦ୍ୟାଳୟ ପରିବେଶ ସ୍ୱଚ୍ଛ ରଖ'

ଢେଙ୍କାନାଳ,୨୮।୮(ରତନ ନାୟାର)

ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ୍ କରଙ୍କ ଅନୁମୋଦନ କ୍ରମେ ଜିଲାରେ ଥିବା ପରିବେଶ କ୍ଲବ୍ ବିଶିଷ୍ଟ ବିଦ୍ୟାଳୟଗୁଡିକର କାର୍ଯ୍ୟକାରିତା ନେଇ ଏକ ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ ତାରିଖରେ ସଦର ବ୍ଲକ୍‌ର ଶଙ୍କରପୁର ନୋଡାଲ୍ ୟୁପି ସ୍କୁଲ୍, ଶଙ୍କରପୁର ହାଇସ୍କୁଲ୍ ଏବଂ ଗଁଦିଆ ବ୍ଲକ୍‌ର ବାଇଁଶିଆ ଆଞ୍ଚଳିକ ହାଇସ୍କୁଲ୍-ବାଇଁଶିଆ ଓ ଚିରୁଳେଇର ସୁଦର୍ଶନ ଉଚ୍ଚ ବିଦ୍ୟାପୀଠକୁ ପରିଦର୍ଶନକାରୀ ଦଳ ଯାଇଥିଲେ। ୨୫ ତାରିଖରେ ଓଡ଼ାପଡ଼ା ବ୍ଲକ୍‌ର ବିଡୋ ୟୁପି ସ୍କୁଲ୍, ବିଡୋର ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ ସହିତ ହିନ୍ଦୋଳ ବ୍ଲକ୍‌ର ଚିତଲପୁରର ପଞ୍ଚିତ ସରକାରୀ ହାଇସ୍କୁଲ୍ ଓ ରାସୋଳ ନୋଡାଲ୍ ୟୁପି ସ୍କୁଲ୍ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ



ସୁଦର୍ଶନ ଉଚ୍ଚ ବିଦ୍ୟାପୀଠ ପରିସରରେ ପରିଦର୍ଶନକାରୀ ଦଳର ସଦସ୍ୟମାନେ।

ବିଦ୍ୟାଳୟର ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ କ୍ଲବ୍‌ର ସୂଚନା ଫଳକ ପ୍ରଦର୍ଶନ, ଚାରାରୋପଣ, ଜୈବ ବିବିଧତା ରେଜିଷ୍ଟର ରଖିବା, ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା, ଜାତୀୟ ସବୁଜ ବାହିନୀ ମାଧ୍ୟମରେ ଗ୍ରାମରେ ଓ ବିଦ୍ୟାଳୟରେ ପରିବେଶ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ହାତକୁ ନେବା ଆଦି ପ୍ରସଙ୍ଗରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପରିବେଶ କ୍ଲବ୍‌ର ମାର୍ଗଦର୍ଶୀ ଶିକ୍ଷକଙ୍କୁ ଅବଗତ କରାଇଥିଲେ। ସେହିପରି ସରକାରଙ୍କ ପକ୍ଷରୁ ମିଳୁଥିବା ବାର୍ଷିକ ୫ ହଜାର ଟଙ୍କା ଅନୁଦାନ ପାଣ୍ଠିର ସଦୁପଯୋଗ କରିବା ଏବଂ ଉଚିତ୍ ହିସାବ ରଖିବା ବିଷୟରେ ପରିଦର୍ଶନକାରୀ ଦଳ ମାର୍ଗଦର୍ଶନ କରାଇଥିଲେ। ପରିଦର୍ଶନକାରୀ ଦଳରେ ସହକାରୀ ବନ ସଂରକ୍ଷକ ସୁବ୍ରତ ପାତ୍ର, ମାଷ୍ଟର ଟ୍ରେନର ପ୍ରଦ୍ୟୁମ୍ନ ରଥ, ଦେବରାଜ ରାଉତ ଓ ଦୀପ୍ତିମୟୀ ଲେଙ୍କା ସାମିଲ ଥିଲେ।

## ଯାଉଁଳିପୋଖରୀ ମଠରେ ଝୁଲଣ ଉତ୍ସବ

ଢେଙ୍କାନାଳ,୨୮।୮(ରତନ ନାୟାର)

ଢେଙ୍କାନାଳ ସହରରେ ଥିବା ଯାଉଁଳିପୋଖରୀ ମଠରେ ରବିବାରଠାରୁ ୫ଦିନ ବ୍ୟାପୀ ଝୁଲଣଯାତ୍ରା ଶୁଭାରମ୍ଭ ହୋଇଛି। ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ମନ୍ଦିର ମଧ୍ୟରୁ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ଓ ବିଶ୍ୱମ୍ବର ଦାସ ମହାରାଜ ମାତା ଜାନକୀଙ୍କ ଧାତୁ ବିଗ୍ରହଙ୍କୁ ଆଣି ଝୁଲଣ ଦୋଳାରେ ବିଜେ କରାଇଥିଲେ। ଏହାପରେ ଭ୍ରାତା ଲକ୍ଷ୍ମଣ ଓ ରାଧାକୃଷ୍ଣଙ୍କୁ ମଧ୍ୟ ବିଜେ କରାଯାଇଥିଲା। ୧୦୮ ଆଳତୀ ପରେ ମାଲପୁଆ, ବୁନ୍ଦିଆ, ଉଖୁଡା ଓ ନଡିଆ ଆଦି ସମର୍ପଣ କରାଯାଇ ସମବେତ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ପ୍ରଭୁଙ୍କ ଝୁଲଣ ସ୍ଥଳିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ପୂର୍ବତନ କାଉନ୍‌ସିଲର ଗୋପାଳ ସାହୁ, ହୃଦୟାନନ୍ଦ ମହାନ୍ତି, ଦେବୋତ୍ତର କର୍ମଚାରୀ ଅଶୋକ ମିଶ୍ର, ମଠ ନିର୍ବାହୀ ଅଧିକାରୀ ପ୍ରଭୁପାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩ .୪୪ କୋଟିର କାର୍ଯ୍ୟାଦେଶ ବଣ୍ଟନ

ଭୁବନ,୨୮।୮(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ସଭାଗୃହରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ କର୍ମତତ୍ପର ଅଭିଯାନରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଭୁବନ ଏନ୍‌ଏସି ଅଧୀନ ୧୫ଟି ଓାର୍ଡ ମଧ୍ୟରେ ୪୬ ପ୍ରକଳ୍ପ ପାଇଁ ୩ କୋଟି ୪୪ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ମୁକ୍ତା ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ଏହି ଉନ୍ନୟନମୂଳକ କାର୍ଯ୍ୟ କରିବେ। ଏହି ଅର୍ଥକୁ ଏନ୍‌ଏସି ମଧ୍ୟରେ ଚଲାପଥ, ବ୍ୟାୟାମ ଶାଳା, ଖୋଲା ଜାଗାର ଉନ୍ନତୀକରଣ, ଖେଳପଡିଆର ଉନ୍ନତୀକରଣ, ସହରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ଭେଣ୍ଡିଂ ଜୋନ ନିର୍ମାଣ, ପୋଖରୀ ଉନ୍ନତୀକରଣ, ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟରେ ବିନିଯୋଗ କରାଯିବ। କାଉନସିଲର ପପୁ କୁମାର ସାହୁ, କନିଷ୍ଠଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟାଦେଶ ପାଇଁ ଆସିଥିବା ସମସ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁକ୍ତା ଯୋଜନାର ପ୍ରକଳ୍ପ ସଂଯୋଜକ ଅଶୋକ ରାଉଳ ପରିଚାଳନା କରିଥିଲେ। ରାଜେଶ ରାଉତ, ପ୍ରତ୍ୟୁଷ ଖଟେଇ ସହଯୋଗ କରିଥିଲେ।



ମୁକ୍ତା ଯୋଜନାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

# ମନ୍ଦିର ଉନ୍ନତୀକରଣ କାର୍ଯ୍ୟାଦେଶ ପ୍ରଦାନ

କାମାକ୍ଷାନଗର,୨୮।୮(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା କାମାକ୍ଷାନଗର ବ୍ଲକର ୬ଟି ପଞ୍ଚାୟତର ୧୩ଗୋଟି ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ କରାଯିବାକୁ ସୋମବାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କାମାକ୍ଷାନଗର ଖଟୁଆହତା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହଚରଣ ସାହୁ ଯୋଗଦେଇ ଉକ୍ତ ୧୩ ମନ୍ଦିରର ଉନ୍ନତୀକରଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କାମାକ୍ଷାନଗର ବ୍ଲକର ମୋଟ୍ ୨୨ ପଞ୍ଚାୟତ ମଧ୍ୟରୁ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୧୬ ପଞ୍ଚାୟତର ୪୧ ମନ୍ଦିରର ଉନ୍ନତୀକରଣ ପାଇଁ ଗତ ଶନିବାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପ୍ରତ୍ୟେକ ମନ୍ଦିରକୁ ୪ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ପରଜଙ୍ଗ ବିଧାୟକଙ୍କ ସମେତ ଅନ୍ୟମାନେ।

# କପିଳାସରେ ୨୫ ହଜାର ଶ୍ରଦ୍ଧାଳୁ କଲେ ଜଳଲାଗି

ଢେଙ୍କାନାଳ,୨୮।୮(ରତନ ନାୟାର)/ କାମାକ୍ଷାନଗର,(ସୁଧୀର କୁମାର ପରିଡା)/ ଭୁବନ (ବିପିନ ବିହାରୀ ସେଠୀ)

ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଢେଙ୍କାନାଳ ଜିଲା ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ୨୫ହଜାର ଶ୍ରଦ୍ଧାଳୁ ଜଳଲାଗି କରିଛନ୍ତି। ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଉଠାଇ କପିଳାସ ପୀଠରେ ଜଳଲାଗି କରିଥିଲେ। ଚଳିତବର୍ଷ ଯୋଡା ଶ୍ରାବଣ ତଥା ମଳମାସ ପଡିବାରୁ ରାଜ ପୁରୋଧାଙ୍କ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କେବଳ ୩ଟି ସୋମବାର ଜଳ ଲାଗି କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ସେହିପରି କାମାକ୍ଷାନଗରରେ ଥିବା ତେନ୍ତୁଳିସିଙ୍ଗାଠାରେ ରାମେଶ୍ୱର ମନ୍ଦିର, ଶିବୁଳାପସିର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର, ହାଟୁଆରିର କପିଳେଶ୍ୱର ଓ ଭଗୀରଥପୁରର କେଦାରେଶ୍ୱର ମନ୍ଦିରରେ କାଉଡ଼ିଆମାନେ ଜଳଲାଗି କରିଥିଲେ। ଶୃଙ୍ଖଳା ପାଇଁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ କାଉଡ଼ିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କାଉଡ଼ିଆମାନେ ରବିବାର ବିଳମ୍ବିତ ରାତିରେ ପାଣି ଆଣି ସୋମବାର ଶିବଙ୍କ ମସ୍ତକରେ ଢାଳିଥିଲେ। ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ତଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ କାଉଡ଼ିଆଙ୍କ ପାଇଁ ଆଶ୍ରୟସ୍ଥଳ ଓ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।



କପିଳାସରେ ଶ୍ରଦ୍ଧାଳୁମାନେ ଜଳ ଲାଗି ପାଇଁ ଧାଡ଼ିରେ ଛିଡା ହୋଇଛନ୍ତି।

**ଗଣବଳାତ୍କାର ମାମଲା, ୨ ଗିରଫ**

**ବଣ୍ଟରପାଳ,(ଉପେନ୍ଦ୍ର ରାଉତ):** ଅନୁଗୋଳ ଜିଲା ନାଲ୍କୋ ଥାନା କୁରୁଡଲ ରାସ୍ତାରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ମାମଲାରେ ପୋଲିସ ୨ ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ସୁସୁଡାର ପ୍ରକାଶ ଭୂତିଆ (୨୫) ଓ ଭଦ୍ରକର ମନୋଜ ବିଶ୍ୱାଳ (୨୩)। ପୋଲିସ କହିଛି, ଗତ ୨୧ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତ ଯୁବତୀ ଏକ ଅଟୋରେ ଯାଉଥିବାବେଳେ କେତେଜଣ ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ୭ ଜଣ ଯୁବକ ଗଣବଳାତ୍କାର କରିଥିବା ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଉ ୫ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

# ଗଞ୍ଜେଇ ଜବତ, ଜଣେ ଗିରଫ



ବଇଣ୍ଡା,୨୮।୮(ପରିକ୍ଷିତ ସାହୁ)

ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର କିଶୋରନଗର ଥାନା କୁସୁଣୀ ଛକ ନିକଟରେ ଚଢାଉ କରାଯାଇ ଦେବଗଡ ଜିଲା ପରା ଗ୍ରାମର ସୁରେଶ ନାୟକଙ୍କଠାରୁ ୨ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଗଞ୍ଜେଇ ସଂଗ୍ରହ କରି ଚାଲାଣ ପାଇଁ ରାସ୍ତା କଡରେ ଠିଆ ହୋଇଥିବାବେଳେ ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗର ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପନିରୀକ୍ଷକ ରଞ୍ଜିତା ହରିଚନ୍ଦନ ଚଢାଉ କରିଥିଲେ।

# ଦାବି ପୂରଣ ନ ହେଲେ ସବୁ ଖଣି ବନ୍ଦ କରାଯିବ

**ଉପଜିଲାପାଳଙ୍କୁ ତାଳଚେର ଟ୍ରକ୍ ମାଲିକଙ୍କ ୬ ଦଫା ଦାବିପତ୍ର**

ତାଳଚେର,୨୮।୮(ମନୋଜ ନନ୍ଦ)

ତାଳଚେର ଟ୍ରକ୍ ମାଲିକଙ୍କ ସମସ୍ୟାର ସମାଧାନ ନିମନ୍ତେ କ୍ଷତିଗ୍ରସ୍ତ ଖଣି ଖାଦାନ ଟ୍ରକ୍ ମାଲିକଙ୍କ ପକ୍ଷରୁ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ସୋମବାର ଏକ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ତାଳଚେରର ସମସ୍ତ ଖଣିକୁ ବନ୍ଦ କରାଯିବ ବୋଲି ଏଥିରେ ଚେତାବନୀ ଦିଆଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି, ତାଳଚେରର ୩ ହଜାର ଟ୍ରକ୍ ମାଲିକ ଟ୍ରକ୍ ମାଧ୍ୟମରେ ଜୀବିକା ନିର୍ବାହ କରୁଛନ୍ତି। ବର୍ତ୍ତମାନ ଜିଲା ପ୍ରଶାସନ ନିଷ୍ପତ୍ତି ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ସର୍ଭ ଅନୁସାରେ ଟ୍ରକ୍‌ଗୁଡିକ ସବୁ ମାଇନ୍ସରେ ଲୋଡିଂ ହେଉଛି। କିନ୍ତୁ ତାଳଚେର ଟ୍ରକ୍ ମାଲିକମାନେ ପ୍ରଶାସନ ନିଷ୍ପତ୍ତି ମାନୁଥିବା ବେଳେ ଏମ୍‌ସିଏଲ୍ ଏବଂ ଟ୍ରାନ୍ସପୋର୍ଟରମାନେ ଫାଷ୍ଟ କମ୍ ଫାଷ୍ଟ ସର୍ଭର କୌଣସି ନିୟମକୁ ମାନୁନାହାନ୍ତି। ଫଳରେ ତାଳଚେରର ହଜାର ହଜାର ଟ୍ରକ୍ ମାଲିକ ଋଣ କିସ୍ତି ଦେଇପାରୁ ନାହାନ୍ତି। ଗତ ୧୦ ଦିନ ହେବ ତାଳଚେରର ୨୦୦ ଟ୍ରକ୍ ବେଆଇନ ଭାବେ ଛତିଶଗଡ଼ର ଟ୍ରକ ମାଲିକମାନେ ଅଟକାଇଛନ୍ତି। ଏହାକୁ ତୁରନ୍ତ ଛାଡି ଦେବାର ବ୍ୟବସ୍ଥା କରାଯାଉ। ଏମ୍‌ସିଏଲ୍ ଦ୍ୱାରା ଜମି ହରାଇଥିବା ଏହି କ୍ଷତିଗ୍ରସ୍ତ ଟ୍ରକ୍ ମାଲିକମାନଙ୍କ ପାଇଁ ଫାଷ୍ଟ କମ୍ ଫାଷ୍ଟ ସର୍ଭ ସ୍ୱତନ୍ତ୍ର ଲୋଡିଂ ବ୍ୟବସ୍ଥା କରାଯାଉ। ଏମ୍‌ସିଏଲ୍‌ର ସମସ୍ତ ମାଇନ୍ସରେ ପାର୍କିଂ ବ୍ୟବସ୍ଥା କରାଯାଉ। ସମସ୍ତ ଟ୍ରାନ୍ସପୋର୍ଟର ଚାଲାଣରେ ଠିକ୍ ରେଟ ଲେଖିବା, ଚାଲାଣ ପଇଠର ୭ ଦିନ ମଧ୍ୟରେ ପ୍ରାପ୍ୟ ପ୍ରଦାନ କରାଯିବା ଏବଂ ସମସ୍ତ ଟ୍ରାନ୍ସପୋର୍ଟର ହିସାବ ସ୍ଲିପ୍ ପେମେଣ୍ଟ ପୂର୍ବରୁ ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଟ୍ରକ୍ ମାଲିକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମନୋଜ କୁମାର ପ୍ରଧାନ, ଜ୍ୟୋତି ରଞ୍ଜନ ସାହୁ, ରାମଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ମନୋଜ କୁମାର ସାହୁ, ଜିତେନ୍ଦ୍ର କୁମାର ବେହେରା, ଶଙ୍କର ସାହୁ, ସୁକେଶିନି ବେହେରାଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ତାଳଚେର ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ।

# ରାଜପଥରେ ହାତୀ ଚଲାପଥ ସୁଡ଼ଙ୍ଗ କରା ନ ଯାଉ

**ଜିଲାପାଳଙ୍କୁ ଜଣାଇଲେ ହିନ୍ଦୋଳ ବିଧାୟିକା**

ଢେଙ୍କାନାଳ,୨୮।୮(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଓଡ଼ାପଡ଼ା ବ୍ଲକ ଗୁଣ୍ଡୁଦେଇ ପଞ୍ଚାୟତ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ହାତୀ ଚଲାପଥ ସୁଡଙ୍ଗ ନ କରିବା ପାଇଁ ସୋମବାର ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଅଞ୍ଚଳବାସୀଙ୍କ ଜରିଆରେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଅଞ୍ଚଳବାସୀଙ୍କ ଧନଜୀବନ ଓ ଜୀବିକାର ସୁରକ୍ଷାକୁ ଦୃଷ୍ଟିଦେଇ ୨୦୨୦ ମସିହାରୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ବିଧାୟିକା ଏ ସମ୍ପର୍କରେ ଜଣାଇଥିଲେ। ଏଥିସହିତ କେନ୍ଦ୍ରମନ୍ତ୍ରୀ, ଏମ୍‌ପି, ବନବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଓ ବନ୍ୟପ୍ରାଣୀ ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବ୍ଲକ ଅଧ୍ୟକ୍ଷାଙ୍କୁ ମଧ୍ୟ ଜଣାଇଛନ୍ତି। ରାସ୍ତାର ଉନ୍ନତୀକରଣ ହେଉ କିନ୍ତୁ ହାତୀ ଚଲାପଥ ସୁଡଙ୍ଗ ନ ହେଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଗୁଣ୍ଡୁଦେଇ ପଞ୍ଚାୟତର ୪ କିଲୋମିଟର ବ୍ୟବଧାନରେ ଦୁଇଟି ହାତୀ ଚଲାପଥ ସୁଡଙ୍ଗ ନିର୍ମାଣ କାର୍ଯ୍ୟ ସରିଛି। ଏହା ଉପରେ ତୁରନ୍ତ ବିଚାର କରି ସୁଡଙ୍ଗ ତିଆରି କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ବିଧାୟିକା ଦାବି କରିଛନ୍ତି। ୨୦୧୭ ମସିହାରେ ବନବିଭାଗ ଦ୍ୱାରା କରାଯାଇଥିବା ଜିପିଏସ୍ ଟ୍ରାକିଂର ରିପୋର୍ଟକୁ ୨୦୨୨-୨୩ରେ କାର୍ଯ୍ୟକାରୀ କରାନଯାଉ। ଉକ୍ତ ଅଞ୍ଚଳରେ ଲୋକମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରି ନିକଟସ୍ଥ ଗଇଲୋ ବସ୍‌ଷ୍ଟାଣ୍ଡରେ ଶିଶୁପାର୍କ, ଜଳଯୋଗାଣ ଟାୱାର, ସାପ୍ତାହିକ ହାଟ ନିର୍ମାଣ କରିଛନ୍ତି। ୫୦ରୁ ଅଧିକ ଭୂମିହିନଙ୍କୁ ବସବାସ ନିମନ୍ତେ ଜମି ପଟ୍ଟା ପ୍ରଦାନ କରିଛନ୍ତି। ସୁଡ଼ଙ୍ଗ ନିର୍ମାଣ ଦ୍ୱାରା ସରକାରଙ୍କ ଏସବୁ ବିକାଶମୂଳକ କାର୍ଯ୍ୟ ଜନହିତରେ ଆସିବ ନାହିଁ। ଜନସାଧାରଣ ଓ ଜନପ୍ରତିନିଧିମାନେ ସୁଡଙ୍ଗ ନିର୍ମାଣ ଚାହୁଁ ନ ଥିବାରୁ ଏହା ବନ୍ଦ କରାଯିବା ଜରୁରୀ ବୋଲି ଅଞ୍ଚଳବାସୀ କହିଥିବା ବିଧାୟିକା ଉଲ୍ଲେଖ କରିଛନ୍ତି।

# ଝାରସୁଗୁଡ଼ା ଗଲା ଅନୁଗୋଳ ମହିଳା ଉଷୁ ଟିମ୍




ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଅନୁଗୋଳ ମହିଳା ଉଷୁ ଟିମ୍‌କୁ ରେଳଷ୍ଟେସନ ଠାରେ ଶୁଭେଚ୍ଛା ଜଣାଯାଉଛି।

ଅନୁଗୋଳ,୨୮।୮(ଅମିତ କୁମାର ସାମଲ)

ଖେଲୋ ଇଣ୍ଡିଆ ରାଜ୍ୟ ମହିଳା ଉଷୁ ଲିଗ୍ ୨୦୨୩ରେ ଭାଗ ନେବାକୁ ଅନୁଗୋଳର ଏକ ୧୨ ଜଣିଆ ମହିଳା ଟିମ୍ ସୋମବାର ଝାରସୁଗୁଡ଼ା ଅଭିମୁଖେ ଗସ୍ତ କରିଛି। ଆସନ୍ତା ୨୮ରୁ ୨୯ ତାରିଖ ଯାଏ ଏହି ପ୍ରତିଯୋଗିତା ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଜୁବୁଲି ହଲ୍‌ରେ ଅନୁଷ୍ଠିତ ହେବ। ଅନୁଗୋଳ ଜିଲା ଉଷୁ ଆସୋସିଏଶନ ପକ୍ଷରୁ ପଠାଯାଇଥିବା ଏହି ୧୨ ଜଣିଆ ମହିଳା ଟିମ୍ ସହ କୋଚ ବିନୋଦ କୁମାର ନାଏକ ଓ ଆସୋସିଏଶନ ସାଧାରଣ ସମ୍ପାଦକ ତଥା ଜାତୀୟ ବିଚାରକ ସୁଶାନ୍ତ କୁମାର ନାଏକ ଝାରସୁଗୁଡ଼ା ଯାଇଛନ୍ତି। ଅନୁଗୋଳ ରେଲୱେ ଷ୍ଟେଶନଠାରେ ଏହି ଟିମ୍‌କୁ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଆଇପି ଅନୁଗୋଳ ଶାସନ ଭିକାରୀ ଚରଣ ସାହୁ ଓ ନାଲ୍‌କୋ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

# ରାଜପଥ କାର୍ଯ୍ୟ ସାରିବାକୁ ଦାବି

ଅନୁଗୋଳ,୨୮।୮(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଅନୁଗୋଳ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଗତ ଶନିବାର ଜିଲା ଭାଜପା ସଭାପତି ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଗଡ଼କରିଙ୍କୁ ସାକ୍ଷାତ କରି ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଠାରୁ ଅନୁଗୋଳ ଏବଂ ଅନୁଗୋଳ ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ୪ ଲାଇନ ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଚଳିତବର୍ଷ ଶେଷ ସୁଦ୍ଧା ଉକ୍ତ ରାସ୍ତା କାର୍ଯ୍ୟ ଶେଷ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜିଲା ଭାଜପା ସଭାପତି ପ୍ରଧାନ ପ୍ରକାଶ କରିଛନ୍ତି। ସେହିପରି ଅନୁଗୋଳ-ସମ୍ବଲପୁର ଦେଇ ପ୍ରଶାନ୍ତି ଏକ୍ସପ୍ରେସ, ହମସଫର ଏକ୍ସପ୍ରେସ, ଏସ୍‌ଏମ୍‌ଭିଟି ଏକ୍ସପ୍ରେସ ଚଳାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଜିଲା ଭାଜପା ସଭାପତି ପ୍ରଧାନ ଦାବି ଉପସ୍ଥାପନ କରିଥିଲେ। ଏହି ସାକ୍ଷାତ ଆଲୋଚନା ବେଳେ ଜିଲା ଟ୍ରକ୍ ଆସୋସିଏଶନ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ବରିଷ୍ଠ ଭାଜପା ନେତା ଦିଲୀପ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟୁଛନ୍ତି ଅନୁଗୋଳ ଜିଲା ଭାଜପା ସଭାପତି ଓ ଅନ୍ୟମାନେ।

# ଅଧିକ ସମୟ ଫାଟକ ବନ୍ଦକୁ ନେଇ ଅସନ୍ତୋଷ




ବଇଣ୍ଡା,୨୮।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ୫୫ ନଂ. ଜାତୀୟ ରାଜପଥ କଦଳୀମୁଣ୍ଡାଠାରେ ଥିବା ରେଳ ଫାଟକ ସୋମବାର ସକାଳ ୧୦ଟା ରୁ ୧୦.୪୫ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଫଳରେ ଉଭୟ ପାର୍ଶ୍ୱରେ ଅନେକ ଗାଡି ଏବଂ ଏକ ଆମ୍ବୁଲାନ୍ସ ଅଟକି ରହିଥିଲା। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପ୍ରକାଶ ଯେ, ଏକ ମାଲବାହୀ ଟ୍ରେନ ଓ ଏକ୍ସପ୍ରେସ ଯାଉଥିବାବେଳେ ଉକ୍ତ ଫାଟକକୁ ରେଳ କର୍ମଚାରୀମାନେ ପକାଇଥିଲେ। ହେଲେ ଟ୍ରେନ ଯିବା ପରେ ମଧ୍ୟ ତୁରନ୍ତ ଫାଟକ ଖୋଲାଯାଇ ନ ଥିଲା। ଫାଟକ ପରେ ମଧ୍ୟ ଏକ ଲୁହା ଲକ୍ ପକାଯାଇଥିଲା। ଉକ୍ତ ଲକକୁ ଖୋଲିବା ପାଇଁ ୫ ମିନିଟ୍ ବିଳମ୍ବ ଘଟିଥିଲା। କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ରେଳ ବିଭାଗର ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଇଣ୍ଡା,୨୮।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା ଛକଠାରେ ସୋମବାର ଅସହାୟ ସହାୟତା ସଂଘ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ସଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରବୀଣ କୁମାର ସାହୁ, ରାମଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ସୁକାନ୍ତ ରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗାଁବଇଣ୍ଡା ଗ୍ରାମର ଗନ୍ଧର୍ବ ସାହୁ, କୁହାମୁଣ୍ଡାର ସୁଧାକର ସାହୁ, ବିଷ୍ଣୁ ସାହୁ, ଧନେଶ୍ୱର ସ୍ୱାଇଁ, ଗାଁ ବଇଣ୍ଡାର ସୁମିତ୍ରା ସାହୁଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ସଚ୍ଚିଦାନନ୍ଦ ସାହୁ ପରିଚାଳନା କରିଥିଲେ। ବି.କେ. ବିନି, ଚୈତନ୍ୟ ବେହେରା, ଗୌରଚନ୍ଦ୍ର ସାହୁ, ସ୍ମିତା ସାହୁ, ବିଶ୍ୱନାଥ ସାହୁ, ଗୁଣନିଧି ପ୍ରଧାନ, ପୁଷ୍ପଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ରାଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା

**କଣିହାଁ,୨୮।୮(ସଚ୍ଚିଦାନନ୍ଦ ପ୍ରଧାନ):** ପିସିସି ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ପ୍ରକାଶ ମିଶ୍ର କଣିହାଁ ଗସ୍ତରେ ଆସି ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ପ୍ରଥମେ ବ୍ଲକର ସୁଣ୍ଡୁବା, ଗଣ୍ଡମଲା, ଅର୍କିଲ, କର୍ଣ୍ଣପାଳ, ପରାବିଲ, ବିରୁ, ବୁରକୁନା ଆଦି ପଞ୍ଚାୟତ ଗସ୍ତକରି କଂଗ୍ରେସ ପଞ୍ଚାୟତ ସଭାପତି, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଦସ୍ୟ, ସାମାଜିକ କର୍ମୀ, ସାମାଜିକ ସଙ୍ଗଠନ, ଯୁବ ସଙ୍ଗଠନ, ବରିଷ୍ଠ ନାଗରିକ, ବଣିକ ସଂଘ ସଦସ୍ୟଙ୍କୁ ଭେଟିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ତୃଣମୂଳସ୍ତରରୁ ଦଳକୁ କିପରି ମଜଭୁତ କରାଯିବ ସେ ନେଇ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ସୁଶାନ୍ତ ଶଶିକାନ୍ତ ସାମଲ, ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗମୋହନ ସାହୁ ପ୍ରମୁଖ ସାମିଲ ଥିଲେ।

# ଜନଶୁଣାଣି ଶିବିରରେ ୧୬୨ ଅଭିଯୋଗ




ପ୍ରଶାସନିକ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ଅନୁଗୋଳ,୨୮।୮(ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଦାଖଲ ହୋଇଥିବା ୧୬୨ ଅଭିଯୋଗରୁ ୧୫୨ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଦାଖଲ ହୋଇଥିବା ୫୫ଟି ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୩ଜଣଙ୍କୁ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟରାସ୍ତା, ସ୍ୱାସ୍ଥ୍ୟ, ଭିନ୍ନକ୍ଷମ ସହାୟତା, ବିସ୍ଥାପନ ସମସ୍ୟା, ବିଦ୍ୟୁତ୍, ଜମିଜମା ଓ ପାରିବାରିକ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମିୟ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଡେପୁଟି କଲେକ୍ଟର ମୀନର୍ଭା ନାୟକ ଓ ସତ୍ୟାନନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭ୍ରାମ୍ୟମାଣ ପ୍ରାଣୀ ସମ୍ପଦ ଆମ୍ବୁଲାନ୍ସ ଶୁଭାରମ୍ଭ

ଅନୁଗୋଳ,୨୮।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଏକ ସତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଭ୍ରାମ୍ୟମାଣ ପ୍ରାଣୀ ସମ୍ପଦ ଆମ୍ବୁଲାନ୍ସକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଭ୍ରାମ୍ୟମାଣ ପଶୁ ସମ୍ପଦ ଆମ୍ବୁଲାନ ଅନୁଗୋଳ ଜିଲାର ପ୍ରାଣୀ ସମ୍ପଦ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ। ଏହି ଅବସରରେ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ କହିଥିଲେ ଯେ, ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବହୁବିଧ ସାମାଜିକ ଦାୟିତ୍ୱବୋଧ (ସିଏସଆର୍) ପଦକ୍ଷେପମାନ ଗ୍ରହଣ କରାଯାଉଛି ଏବଂ ସେଥିରେ ପ୍ରାଣୀ ସମ୍ପଦର ଯତ୍ନକୁ ମଧ୍ୟ ସାମିଲ କରାଯାଇଛି। ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ପ୍ରାଣୀ ସମ୍ପଦଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରାଯିବ। ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଏହି ପ୍ରାଣୀ ସେବାରେ ନିୟୋଜିତ ଥିବା ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ପାରା ଚିକିତ୍ସକ ଟିମ୍ ପ୍ରକୃତରେ ପ୍ରାଣୀଙ୍କ ପ୍ରତି ଦୟାଳୁ ଏବଂ ଯତ୍ନବାନ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିରୋଦ କୁମାର ଦାସ, ସହନିର୍ଦ୍ଦେଶକ ପ୍ରାଣୀ କଲ୍ୟାଣ ପ୍ରତାପ କୁମାର ପଟ୍ଟନାଏକ, ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ରମେଟିରିଆଲ ମୁଖ୍ୟ ଆଶିଷ ପାଣ୍ଡେ, ଗ୍ରୁପ ମୁଖ୍ୟ ସିଏସ୍‌ଆର୍ ଶିକ୍ଷା ପ୍ରଶାନ୍ତ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସକୁ ଜେଏସ୍‌ପି ଅଧ୍ୟକ୍ଷ ପତାକା ଦେଖାଉଛନ୍ତି।

# ଭଙ୍ଗାଗଲା ପ୍ରଜାମଣ୍ଡଳ ଭବନ

**ସେହି ସ୍ଥାନରେ ନିର୍ମାଣ ହେବ ନୂତନ କୋଠା**

ତାଳଚେର,୨୮।୮(ମନୋଜ ନନ୍ଦ)

ପ୍ରଜାମଣ୍ଡଳ ଆନ୍ଦୋଳନ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ଅନୁଗୋଳ ଜିଲା ତାଳଚେର ହାଟତୋଟାଠାରେ ୨୦୦୪ରେ ନିର୍ମାଣ କରାଯାଇଥିବା ପ୍ରଜାମଣ୍ଡଳ ଭବନକୁ ସୋମବାର ଭାଙ୍ଗି ଦିଆଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଭବନ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ତାଳଚେର ପୌର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ତାହାକୁ ଭଙ୍ଗାଯାଉଛି। ଏହାର ପୁନରୁଦ୍ଧାର ପାଇଁ ଉକ୍ତ ସ୍ଥାନରେ ନୂତନ କୋଠା ନିର୍ମାଣ କରାଯିବ।

ପ୍ରକାଶ ଯେ, ୧୯୯୭ ମସିହାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ଅମର ପ୍ରଧାନ ଏହି ପ୍ରଜାମଣ୍ଡଳ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ ଏଥିପାଇଁ ୬୯ ଲକ୍ଷ ଟଙ୍କା ପ୍ରଦାନ କରିଥିଲା। ଭିତ୍ତିପ୍ରସ୍ତରର ୭ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଜାମଣ୍ଡଳ ଭବନକୁ ୨୦୦୪ ଜାନୁୟାରୀ ୫ରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ଏହାକୁ ତାଳଚେର ପୌରସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣ କରା ନ ଯିବାରୁ କୋଠାର ମୁଖ୍ୟ ଫାଟକ, କବାଟ, ଝରକା, କୋଠରି ଏବଂ ଶୌଚାଳୟ ସବୁ ଭାଙ୍ଗି ଯାଇଥିଲା। ବିଭିନ୍ନ ସ୍ଥାନରେ ପ୍ଲାଷ୍ଟର ଛାଡ଼ି ଯାଇଥିବା ବେଳେ ଚଟାଣରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଏହା ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ବୋଲି ଘୋଷଣା କରାଯାଇଥିଲା। ତେବେ ଉକ୍ତ ସ୍ଥାନରେ ନୂଆ ଭବନ ନିର୍ମାଣ କରାଯିବାକୁ ଯୋଜନା ଥିବାରୁ ପୁରୁଣା କୋଠାକୁ ଭାଙ୍ଗି ଦିଆଯାଇଥିବା ସୂଚନା ମିଳିଛି।



ପ୍ରଜାମଣ୍ଡଳ ଭବନର ପୁରୁଣା କୋଠାକୁ ଭାଙ୍ଗି ଦିଆଯାଉଛି।

